# Prime Minister’s visit to Germany, Denmark and France

April 27, 2022

## ପ୍ରଧାନମନ୍ତ୍ରୀଙ୍କ ଜର୍ମାନୀ, ଡେନମାର୍କ ଏବଂ ଫ୍ରାନ୍ସ ଗସ୍ତ

**ଏପ୍ରିଲ 27, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 02-04 ମଇ 2022 ଜର୍ମାନୀ, ଡେନମାର୍କ ଏବଂ ଫ୍ରାନ୍ସ ଗସ୍ତ କରିବେ। 2022 ରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବିଦେଶ ଗସ୍ତ ହେବ।

2. ବର୍ଲିନରେ ପ୍ରଧାନମନ୍ତ୍ରୀ ଜର୍ମାନୀର ଚାନ୍ସେଲର ମାନ୍ୟବର ଶ୍ରୀ ଓଲାଫ୍ ସ୍କୋଲଜଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଦୁଇ ନେତା ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ବିଚାର ବିମର୍ଷ (ଆଇଜିସି) ର ଷଷ୍ଠ ପର୍ଯ୍ୟାୟ ବୈଠକରେ ସହ-ଅଧ୍ୟକ୍ଷତା କରିବେ। ଦ୍ୱିବାର୍ଷିକ ଆଇଜିସି ହେଉଛି ଏକ ନିଆରା ଆଲୋଚନା ଫର୍ମାଟ ଯେଉଁଥିରେ ଉଭୟ ପକ୍ଷରୁ ଅନେକ ମନ୍ତ୍ରୀ ମଧ୍ୟ ଅଂଶଗ୍ରହଣ କରନ୍ତି। ଚାନ୍ସେଲର ସ୍କୋଲଜଙ୍କ ସହ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଆଇଜିସି ହେବ ଏବଂ ଡିସେମ୍ବର 2021 ରେ କାର୍ଯ୍ୟଭାର ଗ୍ରହଣ କରିଥିବା ନୂତନ ଜର୍ମାନୀ ସରକାରଙ୍କ ପାଇଁ ମଧ୍ୟ ଏହା ପ୍ରଥମ ସରକାରୀସ୍ତରୀୟ ବିଚାର ବିମର୍ଷ ହେବ। ତାଙ୍କର ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏବଂ ଚାନ୍ସେଲର ସ୍କୋଲଜ ଏକ ବ୍ୟବସାୟ କାର୍ଯ୍ୟକ୍ରମକୁ ମଧ୍ୟ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ଜର୍ମାନୀର ଭାରତୀୟ ସମୁଦାୟକୁ ସମ୍ବୋଧିତ କରିବେ ଏବଂ ସେମାନଙ୍କ ସହିତ ବାର୍ତ୍ତାଳାପ କରିବେ।

3. 2021 ରେ ଭାରତ ଏବଂ ଜର୍ମାନୀ କୂଟନୈତିକ ସମ୍ପର୍କ ସ୍ଥାପନାର 70 ବର୍ଷ ପୂର୍ତ୍ତିକୁ ପାଳନ କରିଥିଲେ ଏବଂ 2000 ପରଠାରୁ ରଣନୀତିକ ସହଭାଗୀ ରହିଆସିଛନ୍ତି। ଏହି ଗସ୍ତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ବଢାଇବା ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗରେ ମତ ବିନିମୟ କରିବା ପାଇଁ ଦୁଇ ଦେଶର ସରକାରଙ୍କୁ ଏକ ସୁଯୋଗ ପ୍ରଦାନ କରିବ।

4. ଏହା ପରେ ପ୍ରଧାନମନ୍ତ୍ରୀ ଡେନମାର୍କର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀମତୀ ମେଟେ ଫ୍ରେଡେରିକସେନଙ୍କ ଆମନ୍ତ୍ରଣ କ୍ରମେ କୋପେନହାଗେନ ଗସ୍ତ କରିବେ। ଡେନମାର୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ଭାରତ-ନର୍ଡିକ୍ ସମ୍ମିଳନୀରେ ମଧ୍ୟ ସେ ଅଂଶଗ୍ରହଣ କରିବେ।

5. ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ପ୍ରଧାନମନ୍ତ୍ରୀ ଫ୍ରେଡେରିକସେନଙ୍କ ସହ ଆଲୋଚନା କରିବେ ଏବଂ ମହାରାଣୀ ମାର୍ଗରେଥ-IIଙ୍କୁ ସାକ୍ଷାତ କରିବେ। ଭାରତ ଏବଂ ଡେନମାର୍କ ମଧ୍ୟରେ ସବୁଜ ରଣନୀତିକ ଭାଗିଦାରୀ ଏକ ନୂତନ ପ୍ରକାର ବ୍ୟବସ୍ଥା ଥିଲା। ଏହି ଗସ୍ତ ଉଭୟ ପକ୍ଷକୁ ସବୁଜ ରଣନୀତିକ ଭାଗିଦାରୀରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିବା ତଥା ଆମର ବହୁମୁଖୀ ସହଯୋଗକୁ ଆହୁରି ବ୍ୟାପକ କରିବାର ଉପାୟଗୁଡିକୁ ପରୀକ୍ଷା କରିବାକୁ ଏକ ସୁଯୋଗ ପ୍ରଦାନ କରିବ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏକ ଭାରତ-ଡେନମାର୍କ ବ୍ୟବସାୟ ଫୋରମରେ ଯୋଗଦେବେ ଏବଂ ପ୍ରବାସୀ ଭାରତୀୟ ସମୁଦାୟର ସଦସ୍ୟମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ।

6. ଦ୍ୱିତୀୟ ଭାରତ-ନର୍ଡିକ୍ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଅନ୍ୟ ନର୍ଡିକ୍ ନେତା ଯଥା ଆଇସଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ୟାଟ୍ରିନ୍ ଜାକୋବସଡଟିର୍, ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗହର୍ ଷ୍ଟୋର, ସ୍ୱିଡେନର ପ୍ରଧାନମନ୍ତ୍ରୀ ମାଗଡାଲେନା ଆଣ୍ଡରସନ ଏବଂ ଫିନଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାନ୍ନା ମାରିନଙ୍କ ସହ ମଧ୍ୟ ବାର୍ତ୍ତାଳାପ କରିବେ। ଏହି ସମ୍ମିଳନୀରେ ମହାମାରୀ ପରବର୍ତ୍ତୀ ଅର୍ଥନୈତିକ ପୁନରୁଦ୍ଧାର, ଜଳବାୟୁ ପରିବର୍ତ୍ତନ, ନବସୃଜନ ଓ ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତି, ବଦଳୁଥିବା ବିଶ୍ୱ ସୁରକ୍ଷା ପରିବେଶ ଏବଂ ଆର୍କଟିକ ଅଞ୍ଚଳରେ ଭାରତ-ନର୍ଡିକ୍ ସହଯୋଗ ଭଳି ବିଷୟ ଉପରେ ଆଲୋଚନା କରାଯିବ। 2018 ରେ ଷ୍ଟକହୋମଠାରେ ପ୍ରଥମ ଭାରତ-ନର୍ଡିକ୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

7. 04 ମଇ 2022 ରେ ଫେରିବା ସମୟରେ ପ୍ରଧାନମନ୍ତ୍ରୀ କିଛି ସମୟ ପ୍ୟାରିସରେ ଅଟକି ଫ୍ରାନ୍ସର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ଇମାନୁଏଲ୍ ମାକ୍ରୋନଙ୍କୁ ଭେଟିବେ। ଚଳିତ ବର୍ଷ ଭାରତ ଏବଂ ଫ୍ରାନ୍ସ ସେମାନଙ୍କର କୂଟନୈତିକ ସମ୍ପର୍କ ସ୍ଥାପନାର 75 ବର୍ଷ ପୂର୍ତ୍ତିକୁ ପାଳନ କରୁଛନ୍ତି ଏବଂ ଦୁଇ ନେତାଙ୍କ ମଧ୍ୟରେ ବୈଠକ ରଣନୀତିକ ଭାଗିଦାରୀର ଏକ ଉଚ୍ଚାଭିଳାଷୀ ଏଜେଣ୍ଡା ନିର୍ଦ୍ଧାରଣ କରିବ।

**ନୂଆଦିଲ୍ଲୀ**

**ଏପ୍ରିଲ 27, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.